NEW LINK TO MEDIA # 6D

**WPC PIL 30556/2021 FILED IN HON'BLE HIGH COURT OF ORISSA IN THE MATTER OF ILLEGAL COW CHALLAN/TRANSPORT**

**SAMBAD CUTTACK PAGE 4 COW PIL**

**https://sambadepaper.com/imageview_37302_466385_4_72_29-09-2021_4_i_1_sf.html**

କଟକ,୨୮।୯(ଇମିସ): ଗୋ-ହତ୍ୟା ଓ ବେଆଇନ ଗୋ ଚାଲାଣ ରୋକିବା ପ୍ରସଂଗକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ସାମାଜିକ କର୍ମୀ ଜୟନ୍ତୀ ଦାସଙ୍କ ପକ୍ଷରୁ ଦାୟର ମାମଲାରେ ଦର୍ଶାଯାଇଛି ଯେ ଗୋ ସୁରକ୍ଷା ପାଇଁ ଓଡ଼ିଶା ପ୍ରିଭେନସନ୍ ଅଫ୍ କାଓ ସ୍ଲଟର ଆକ୍ଟ ଓ ଏ ସଂପର୍କିତ ୧୯୬୦ରେ ନିୟମାବଳୀ ରହିଛି। କିନ୍ତୁ ରାଜ୍ୟରେ ଆଇନ ଓ ନିୟମାବଳୀ କଡ଼ାକଡ଼ି ପାଳନ କରାଯାଉ ନାହିଁ। ଅନ୍ୟ ରାଜ୍ୟରେ ଗୋ ସୁରକ୍ଷା ପ୍ରସଂଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ଓଡ଼ିଶାରେ କିନ୍ତୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ଗୋ ହତ୍ୟା ଓ ଗୋ ଚାଲାଣ ଭଳି ଘଟଣା ରାଜ୍ୟରେ ବୃଦ୍ଧି ପାଇଛି। ବୟସ୍କ ଗାଈ, ବଳଦ ସହିତ ବାଛୁରି ମଧ୍ୟ ରାଜ୍ୟ ବାହାରକୁ ବେଆଇନ ଭାବେ ଚାଲାଣ କରାଯାଉଛି। ଏପରି ପରିସ୍ଥିତିରେ ଗୋ ସୁରକ୍ଷା ପାଇଁ ସରକାର ଆଇନରେ ସଂଶୋଧନ ଆଣିବା ସହିତ ଏ ସଂପର୍କିତ ନିୟମ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ଆବେଦନକାରୀ ନିବେଦନ କରିଛନ୍ତି। ଗୋ ହତ୍ୟା ଓ ଗୋ ଚାଲାଣ ରୋକିବାକୁ ସ୍ପେଶାଲ ଟାସ୍କ ଫୋର୍ସ ଗଠନ କରାଯିବାର ଆବଶ୍ୟକତା ରହିଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ଼ ମାମଲା ପରିଚାଳନା କରୁଛନ୍ତି।